## ସଂକ୍ଷେପରେ

### ସେମିଫାଇନାଲରେ ଝାରସୁଗୁଡ଼ା

ଅନୁଗୋଳ ଅଫିସ, ୧୧।୮- ଅନୁଗୋଳ ଷ୍ଟାଡିୟମଠାରେ ଚାଲିଥିବା ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଖେଳାଯାଇଥିଲା। ଏହି ମ୍ୟାଚରେ ଆଠମଲ୍ଲିକ ଏଫସିକୁ ୪-୦ ଗୋଲରେ ହରାଇ ଝାରସୁଗୁଡା ଏଫସି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ ଆରମ୍ଭରୁ ଝାରସୁଗୁଡା ଏଫ୍‌ସି ଦମଦାର ଆରମ୍ଭ କରିଥିଲା। ଆଠମଲ୍ଲିକ ଏଫ୍‌ସି ଦଳକୁ ଗୋଲ କରିବାକୁ କୌଣସି ପ୍ରକାର ସୁଯୋଗ ଦେଇ ନ ଥିଲା। ଫଳରେ ଝାରସୁଗୁଡା ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଜୁ ଓରାମ ଦୁଇଟି ଗୋଲ ଓ ଅଭୟ ମୁଣ୍ଡା, ଅଜିତ ନେଗି ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଶିବଶଙ୍କର ପଣ୍ଡା ରେଫରି ଥିବାବେଳେ ଆଲୋକ କୁମାର ଦେହୁରୀ, ଶଶିକାନ୍ତ ଦାସିଆ, ଭୋଳେଶ୍ୱର ଗଗରେଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ଜିଲାର ପୂର୍ବତନ କ୍ରୀଡାବିତ୍ ବସନ୍ତ ଦାସ, ଯୁଧିଷ୍ଠିର ସେଠ, ପ୍ରକାଶ ଗଡନାୟକ, ହରମୋହନ ମିଶ୍ର ଓ ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୁକ୍ତ ଗିରଫ

ଛେଣ୍ଡିପଦା, ୧୧।୮ (ସ୍ୱ.ପ୍ର.)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ମୋନେଟ ପାୱାର ପ୍ଲାଣ୍ଟ ତାର ଚୋରି କରୁଥିବା ଅଭିଯୋଗରେ ପୋଲିସ ଜରପଡା ଥାନା ବକଲା ଗ୍ରାମର ଅମୂଲ୍ୟ ଗଡନାୟକ (୨୪)ଙ୍କୁ ଗିରଫ କରିଛି। ପୋଲିସ କହିଛି, କଙ୍କରେଇସ୍ଥିତ ମୋନେଟ ପାୱାର ପ୍ଲାଣ୍ଟରୁ ତାର ଚୋରି ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଶା ପୋଲିସ ଚଢାଉ କରିଥିଲା। ଚଢ଼ାଉ ବେଳେ ପାୱାର ଟ୍ରାନ୍ସମିଶନରୁ ତାର କାଟି ତଳେ ଗଦାଇ ରଖିଯାଇଥିବା ଦେଖି ପୋଲିସ ଅଭିଯୁକ୍ତ ଅମୂଲ୍ୟ ଗଡନାୟକଙ୍କୁ ଗିରଫ କରିଥିଲା। ଏଥିସହିତ ପାୱାର ପ୍ଲାଣ୍ଟରୁ କଟାଯାଇଥିବା ତାରକୁ ଜବତ କରିଥିଲା। ଏ ନେଇ ନିଶା ଶିଳ୍ପାଞ୍ଚଳ ଥାନାରେ ନଂ. ୧୫୧/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଷ୍ଟେଶନ ଫାଣ୍ଡି ଅଧିକାରୀ ନିଲମ୍ବିତ

ବଇଣ୍ଡା, ୧୧।୮ (ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ରେଳଷ୍ଟେଶନ ଫାଣ୍ଡି ଅଧିକାରୀ ଶିଶିର କୁମାର ଦାସଙ୍କୁ ନିଲମ୍ବନ କରାଯାଇଛି। ରେଳ ବିଭାଗର ଡିଜିଟାଲ ସିକ୍ୟୁରିଟି କମିଶନର ବୁଧବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବଡ଼ହୁଲା ଗ୍ରାମର ଜଣେ ଯୁବକଙ୍କୁ ମାଡ଼ ମାରି ଟଙ୍କା ଛଡ଼ାଇ ନେଇଥିବା ନେଇ ଶିଶିରଙ୍କ ନାମରେ ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହେବା ଓ ବଇଣ୍ଡା ଫାଣ୍ଡି ପୋଲିସ ଶିଶିରଙ୍କୁ ଗିରଫ କରିବା ପରେ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି।

### ପାରିବାରିକ କଳହକୁ ନେଇ ଗଣ୍ଡଗୋଳ

ବଇଣ୍ଡା, ୧୧।୮ (ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ଗ୍ରାମର ରୀତାଞ୍ଜଳି ବେହେରାଙ୍କୁ ତାଙ୍କ ଦେଢ଼ଶୁର ଅମର ବେହେରା ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ରୀତାଞ୍ଜଳି ଦର୍ଶାଇଛନ୍ତି, ଘରେ ଏକୁଟିଆ ଥିବା ବେଳେ ଦେଢଶୁର ଅମର ପାରିବାରିକ କଳହକୁ ନେଇ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଛନ୍ତି। ପୋଲିସ ନମ୍ବର ୨୦୫ /୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ରୀତାଞ୍ଜଳିଙ୍କ ଯା' ସ୍ନେହଲତା ବେହେରା ଥାନାରେ ପାଲଟା୍ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ତାଙ୍କୁ ରୀତାଞ୍ଜଳି ବିନା କାରଣରେ ମାଡ଼ ମାରିଛନ୍ତି। ପୋଲିସ ନମ୍ବର ୨୦୬/୨୨ ରେ ଏକ ମାମଲା ରୁଜୁ କରିଛି।


ଅନ୍ତରସିଂଗାର ରଞ୍ଜନ ସେଠୀଙ୍କ ଘର ଛପର ଉପରେ ଜରିପାଲ ପଡ଼ିଛି।


ଜରିପାଲ ପଡ଼ିଥିବା ରବୀନ୍ଦ୍ର ରଣାଙ୍କ ଘର।


ଦଦରା ଘର ସମ୍ମୁଖରେ ରତ୍ନା ଦେହୁରୀ।


ଜରିପାଲ ଛପର ଘର ସମ୍ମୁଖରେ ଶେଷଦେବଙ୍କ ପରିବାର।


ଝାଟିମାଟି ଘର ସମ୍ମୁଖରେ ସୁଶୀଳ ନାୟକଙ୍କ ପରିବାର।

# ଆବାସ ଅପେକ୍ଷାର ହେଉନି ଅନ୍ତ

ଆଠମଲ୍ଲିକ, ୧୧।୮
(ଉଦିପ୍ତ କୁମାର ପୁରୋହିତ)

- ଆବେଦନର ଦୀର୍ଘବର୍ଷ ପରେ ବି କରାଯାଉନି ତାଲିକାଭୁକ୍ତ
- ଭଙ୍ଗା ଦଦରା ଘର ଛପରକୁ ଏକମାତ୍ର ଭରସା ଜରିପାଲ
- ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତରେ ବଢୁଛି ଅସନ୍ତୋଷ

ଦରିଦ୍ର ବୋଲି ଦୂରରୁ ଜଳ ଜଳ ଦିଶୁଛି। ମାଟି କାନ୍ଥ ଭାଙ୍ଗି ମାଟିରେ ଲୋଟୁଛି। ଭଙ୍ଗା ଛପର ଉପରେ ଜରିପାଲ ଭିଡ଼ାଯାଇଛି। ହେଲେ ଏପରି ଗରିବଙ୍କ ଆବାସ ଆବେଦନକୁ ବର୍ଷ ବର୍ଷ ଧରି ଦିଆଯାଉନି ଗୁରୁତ୍ୱ। ଦୂର କରାଯାଉନି ଦଦରା ଘରେ ମୁଣ୍ଡ ଗୁଞ୍ଜିଥିବା ଲୋକଙ୍କ ଦୁଃଖ ଦୁର୍ଦ୍ଦଶା। ଆବାସ ଅପେକ୍ଷାର ଅନ୍ତ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଅନ୍ତରସିଙ୍ଗା ଓ ହରିହରପୁର ଗ୍ରାମର ୬ ପରିବାର।

ଅନୁଗୋଳ ଜିଲା ଆଠମଲ୍ଲିକ ସଦର ମହକୁମାଠାରୁ ବେଶି ଦୂର ନୁହେଁ ନଅଗାଁ ପଞ୍ଚାୟତ। ହେଲେ ଦୀପ ତଳ ଅନ୍ଧାର ପରି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି ଏହି ପଞ୍ଚାୟତର ଅନ୍ତରସିଂଗାବାସୀ ରଞ୍ଜନ ସେଠୀ (୪୦), ଶେଷଦେବ ରଣା (୩୬), ମିତ୍ରୁ ରଣା (୪୦), ହରିହରପୁର ଗ୍ରାମର ରତ୍ନା ଦେହୁରୀ (୪୦), ସୁଶୀଳ ନାଏକ (୫୦) ଓ ରବୀନ୍ଦ୍ର ରଣା (୫୦)ଙ୍କ ପରିବାର। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ୬ ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି। ଅର୍ଥାଭାବରୁ ଘର ଛପର ମରାମତି କରିପାରୁ ନାହାନ୍ତି। କାନ୍ଥ ଭାଙ୍ଗି ଯାଇଥିଲେ ମଧ୍ୟ ନୂଆ କରି ଠିଆକରିପାରୁ ନାହାନ୍ତି। ମୂଲମଜୁରି ଉପରେ ନିର୍ଭର କରୁଥିବା ଏହି ଲୋକମାନେ କରୋନା ପରଠାରୁ ଅତ୍ୟନ୍ତ ଅସହାୟ ହୋଇପଡ଼ିଛନ୍ତି। ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଏକମାତ୍ର ଭରସା ବୋଲି ସମ୍ପୃକ୍ତ ହିତାଧିକାରୀମାନେ କହିଛନ୍ତି। ଅନ୍ତରସିଂଗା ଗ୍ରାମର ରଞ୍ଜନ ସେଠୀ କହିଛନ୍ତି, ସ୍ତ୍ରୀ, ତିନି ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ତାଙ୍କ ସଂସାର। କାମଧନ୍ଦା ଅଭାବରୁ ୩ ବର୍ଷ ହେଲା ଘର ଛପର ମରାମତି କରିପାରି ନାହାନ୍ତି। ଫଳରେ ବର୍ଷା ପାଣି ପଡି ମାଟି କାନ୍ଥ ଅଧା ଭାଙ୍ଗିଯାଇଛି। ଶେଷଦେବ ରଣା କହିଛନ୍ତି, ଘର ଭାଙ୍ଗି ଯାଇଥିବାରୁ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ନେଇ ବଡ଼ କଷ୍ଟରେ ଚଳୁଛନ୍ତି। ବାରଣ୍ଡାରେ କାଠ ଚୁଲିରେ ରୋଷେଇ କରୁଛନ୍ତି। ମିତ୍ରୁ ରଣା କହିଛନ୍ତି, ତାଙ୍କ ପରିବାର କହିଲେ ସ୍ତ୍ରୀ ଓ ଗୋଟିଏ ପୁଅ। ଯକ୍ଷ୍ମା ରୋଗ ଭଲ ହୋଇଯାଇଥିଲେ ବି ମୂଲମଜୁରି ପାଇଁ ବଳ ପାଉନାହିଁ। ସେଥିପାଇଁ ଭାଙ୍ଗିଯାଇଥିବା ଘର ମରାମତି କରିପାରୁନାହାନ୍ତି। ହରିହରପୁର ଗ୍ରାମର ରତ୍ନା ଦେହୁରୀ କହିଛନ୍ତି, ଦୁର୍ଘଟଣାରେ ଗୋଟିଏ ହାତ ଭାଙ୍ଗିଯାଇଛି। ଖଟିପାରୁ ନ ଥିବାରୁ ପରିବାର ଚଳାଇବାକୁ ଅସମର୍ଥ। ଏପରି ଅବସ୍ଥାରେ ଘର ସଜାଡ଼ିବାକୁ ସମ୍ବଳ ପାଉନାହାନ୍ତି। ଗ୍ରାମର ସୁଶୀଳ ନାଏକ ଓ ରବୀନ୍ଦ୍ର ରଣା କହିଛନ୍ତି, ସେମାନଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ଟଙ୍କିକିଆ ଚାଉଳରେ ପରିବାରର ପେଟ ପୂରୁଛି। ତେଣୁ ଘର ମରାମତି କଥା ଭାବିପାରୁ ନାହାନ୍ତି। ସରକାରଙ୍କ ଆବାସ ଯୋଜନାରେ ସାମିଲ କରାଗଲେ ସେମାନେ ଉପକୃତ ହୋଇପାରନ୍ତେ।


ଅନ୍ତରସିଂଗାର ମିତ୍ରୁ ରଣାଙ୍କ ଭାଙ୍ଗିଯାଇଥିବା ଘର।

**ହିତାଧିକାରୀ ଚୟନ ପ୍ରକ୍ରିୟାରେ ବିଳମ୍ବ**



"ଦୀର୍ଘବର୍ଷ ହେଲା ଆବେଦନ କରିବା ସତ୍ତ୍ୱେ ଆବାସ ଯୋଜନାରେ ୬ ଗରିବ ପରିବାର ସାମିଲ ନ ହେବା ଘଟଣା ନିଶ୍ଚିତ ଉଦ୍‌ବେଗଜନକ। କ୍ଷେତ୍ର ଅଧିକାରୀମାନେ କ୍ଷେତ୍ରକୁ ନ ଯାଇ ରାଜନେତାଙ୍କ ପ୍ରରୋଚନାରେ ତାଲିକା ପ୍ରସ୍ତୁତ କରୁଥିବାରୁ ପ୍ରକୃତ ହିତାଧିକାରୀ ଚୟନରେ ଏପରି ବିଳମ୍ବ ଘଟୁଛି।

-ତପନ କୁମାର ମିଶ୍ର, ସାମାଜିକ କର୍ମୀ, ଆଠମଲ୍ଲିକ

**ଯୋଗ୍ୟ ହୋଇଥିଲେ ନୂଆ ତାଲିକାରେ ସଂଯୋଗ**



"ପୁରୁଣା ତାଲିକାରେ ସମ୍ପୃକ୍ତ ଆବେଦନକାରୀଙ୍କ ନାମ ନାହିଁ। ସରକାରଙ୍କ ତରଫରୁ ନୂଆ ତାଲିକା କରିବା ପାଇଁ ଆଦେଶ ଆସିଲେ ଯୋଗ୍ୟମାନଙ୍କ ନାମ ସେଥିରେ ସଂଯୋଗ କରାଯିବ। ଆବାସ ଯୋଜନାରେ ଗୃହ ଯୋଗାଇଦେବାରେ ଆଉ କୌଣସି ଅସୁବିଧା ଉପୁଜିବ ନାହିଁ।

-ଦୁଃଶାସନ ସାହୁ, ପିଇଓ, ନଅଗାଁ ପଞ୍ଚାୟତ

**ବର୍ତ୍ତମାନ ପାଇଁ ନୂଆ ମଞ୍ଜୁରୀ ନାହିଁ**



"ଆବାସ ଯୋଜନାରେ ନୂଆ ମଞ୍ଜୁରୀ ବର୍ତ୍ତମାନ ପାଇଁ ବ୍ଲକ ପାଖରେ ନାହିଁ। ନୂଆ ତାଲିକାରେ ସାମିଲ ପାଇଁ ନିର୍ଦ୍ଦେଶ ଆସିଲେ ସରକାରଙ୍କ ନୀତି ନିୟମ ଅନୁଯାୟୀ ହିତାଧିକାରୀ ଚୟନ କରାଯାଇ ଆବାସ ଯୋଜନାରେ ସାମିଲ କରାଯିବ।

-ସନ୍ତୋଷ କୁମାର ସାହୁ, ବିଡିଓ, ଆଠମଲ୍ଲିକ

**ପର୍ଯ୍ୟାୟକ୍ରମେ ସାମିଲ ପାଇଁ ପ୍ରୟାସ ହେବ**

"ସମସ୍ୟା କେବଳ ଅନ୍ତରସିଂଗା କି ହରିହରପୁର ଗ୍ରାମରେ ସୀମିତ ନୁହେଁ। ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ହିତାଧିକାରୀ ଆବାସ ଯୋଜନାରେ ସାମିଲ ପାଇଁ ଅପେକ୍ଷା କରିଛନ୍ତି। ନୂଆ ଘର ପାଇଁ ଅର୍ଥ ମଞ୍ଜୁର ହେଲେ ପର୍ଯ୍ୟାୟକ୍ରମେ ସମସ୍ତ ହିତାଧିକାରୀଙ୍କୁ ସାମିଲ ପାଇଁ ପ୍ରୟାସ କରାଯିବ।

-ସ୍ନିଗ୍ଧା ଦେହୁରୀ, ସରପଞ୍ଚ, ନଅଗାଁ ପଞ୍ଚାୟତ

## ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

କଣିହାଁ,୧୧।୮(ଡି.ଏନଏ.)

କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତ ହାତିଆଦଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା ଏହାକୁ ପରିଚାଳନା କରିଥିବାବେଳେ ଅତିଥି ଭାବେ ସରପଞ୍ଚ ପ୍ରଭାତୀ ସେଠୀ, ସମିତିସଭ୍ୟ ଦେବାଶିଷ ମହାନ୍ତି, ୯ ନଂ. ଜୋନ ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳୁଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପୋତି ହୋଇଗଲାଣି ଡ୍ରେନ୍

ବଆଁରପାଳ,୧୧।୮(ଡି.ଏନଏ.)

ବଆଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଡ୍ରେନ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ସ୍ଥାନରେ ଡ୍ରେନ୍ ପୋତି ହୋଇଯାଇଥିବା ଯୋଗୁ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍‌ର ଅଳିଆ ଆବର୍ଜନା ରାସ୍ତାକୁ ଭାସି ଆସୁଥିବାରୁ ପରିବେଶ ଦୂଷିତ ହେବା ସହ ମାଶା ମାଛିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦୁର୍ଗନ୍ଧରେ ଲୋକେ ଅତିଷ୍ଠ ହୋଇପଡିଲେଣି। ବରସାହିଠାରୁ ଭାଗବତ ମଣ୍ଡପ ପର୍ଯ୍ୟନ୍ତ ଡ୍ରେନ୍ ସମ୍ପୂର୍ଣ୍ଣ ଭାବେ ପୋତି ହୋଇପଡିଥିବା ଜନ୍ମ ଦେହୁରୀ, ପର୍ଶୁ ଦେହୁରୀ, ପ୍ରଫୁଲ୍ଲ ଦେହୁରୀ ପ୍ରମୁଖ କହିଛନ୍ତି। ଫଳରେ ୨୦୦ ମିଟର ପର୍ଯ୍ୟନ୍ତ ରାସ୍ତାରେ ଆବର୍ଜନା ପାଣି ଜମି ରହୁଥିବା ସେମାନେ ଅଭିଯୋଗ କରିଛନ୍ତି।

## ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା, ୧୧।୮ (ଡି.ଏନ.ଏ.)

କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ମେଧାବୀ ଛାତ୍ରୀଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ଚଳିତବର୍ଷ ଯୁକ୍ତ ୨ କଳା ବିଭାଗରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଗାୟତ୍ରୀ ବିଶ୍ୱାଳ, ବିଶ୍ୱରୂପା ପ୍ରଧାନ, ସିଲିପ୍ସା ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ଭଲ ପାଠ ପଢି କିଭଳି ଜନ୍ମ ମାଟିର ନାମ ରଖିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଆଶୁତୋଷ ମିଶ୍ର, ଅନ୍ୟତମ ଅତିଥି ଭାବେ ଜ୍ଞାନେନ୍ଦ୍ର ବିଶ୍ୱାଳ, ଭବାନୀ ଶଙ୍କର ପ୍ରଧାନ, ବିଜୟ ଗଡ଼ନାୟକ, ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।


ଜଣେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିଜ୍ଞାନ ପ୍ରତି ଛାତ୍ରୀଛାତ୍ର ଆକୃଷ୍ଟ ହୁଅନ୍ତୁ

ବଇଣ୍ଡା,୧୧।୮(ଡି.ଏନଏ.)

ବିଜ୍ଞାନର ବହୁ ଅଗ୍ରଗତି ଘଟିଛି। ବିଜ୍ଞାନ ବଳରେ ମଣିଷ ବହୁ ଅସମ୍ଭବକୁ ସମ୍ଭବ କରିପାରିଛି। ତେଣୁ ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରତି ଆକୃଷ୍ଟ ହେବା ଆବଶ୍ୟକ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଆୟୋଜିତ ଜ୍ଞାନବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ଲକ୍ଷୀଧର ବେହେରା, ଜୟଶ୍ରୀ ପ୍ରଧାନ, ରବୀନ୍ଦ୍ରନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଶିକ୍ଷବିତ୍ ସଚ୍ଚିଦାନନ୍ଦ ସାହୁ ଯୋଗ ଦେଇଥିଲେ। ଅଞ୍ଜନ ପ୍ରଧାନ, ବିଶ୍ୱରଞ୍ଜନ ସାହୁ, ସ୍ମିତାରାଣୀ ବେହେରା ଯୋଗଦେଇ ପ୍ରକଳ୍ପଗୁଡିକ ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଜ୍ୟୋସ୍ନାମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିନିତା ପ୍ରଧାନ, ବାପୁଜୀ ଦେହୁରୀ, ରମାକାନ୍ତ ସାହୁ ସହଯୋଗ କରିଥିଲେ। ସେହିପରି ଠାକୁରଗଡ଼ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତ୍ତିବାସପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

## ଅରାଜକତା ସୃଷ୍ଟି ଉଦ୍ୟମକାରୀଙ୍କ ଗିରଫ ଦାବି

ଅନୁଗୋଳ ଅଫିସ, ୧୧।୮

କନ୍ଧମାଳଠାରେ ଗତ ୯ ତାରିଖରେ ବିଶ୍ୱ ଆଦିବାସୀ ଦିବସ ପାଳନ ବେଳେ କେତେଜଣ ବ୍ୟକ୍ତି ଅରାଜକତା ସୃଷ୍ଟି ସହ ଶାନ୍ତ କନ୍ଧମାଳକୁ ଅଶାନ୍ତ କରିବାକୁ ଉଦ୍ୟମ କରିଥିଲେ। ସେମାନେ ପୁରୀ ଗୋବର୍ଦ୍ଧନ ମଠ ପିଠାଧୀଶ ପୂଜ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସ୍ୱରସ୍ୱତୀଜୀ ମହାରାଜଙ୍କ କୁଶ ପୁତ୍ତଳିକା ଦାହ କରିବା ସହିତ ହିନ୍ଦୁ ଧର୍ମ ବିରୁଦ୍ଧରେ ବିଭିନ୍ନ ପ୍ରକାରର ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏହା ସମଗ୍ର ହିନ୍ଦୁ ସମାଜକୁ ବ୍ୟଥିତ ତଥା କଷ୍ଟ ଦେଇଛି। ତୁରନ୍ତ ଏଭଳି ଅରାଜକତା ସୃଷ୍ଟି ଉଦ୍ୟମକାରୀମାନଙ୍କୁ କନ୍ଧମାଳ ଜିଲା ପ୍ରଶାସନ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଗୁରୁବାର ଅନୁଗୋଳଠାରେ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏଭଳି ସ୍ପର୍ଶକାତର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ମହେଶ ସାହୁ ଦାବି କରିଛନ୍ତି। ଯଦି ତୁରନ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତା'ହେଲେ ଆଗାମୀ ଦିନରେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ରାଜ୍ୟ ସମ୍ପାଦକ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ।

## ସମ୍ପର୍କ ଯୋଡ଼ିବାରେ ସହାୟକ ହୁଏ ସାହିତ୍ୟ

ବଇଣ୍ଡା, ୧୧।୮ (ଡି.ଏନ.ଏ.)

ମାନବୀୟ ପ୍ରାଣରେ ପ୍ରାକୃତିକ ଚେତନା ଭରିଦେବା ହିଁ ଥିଲା ଗଙ୍ଗାଧରଙ୍କ ସାହିତ୍ୟର ବିଶେଷତ୍ୱ। ପ୍ରକୃତିର ନିରନ୍ତର ପ୍ରକ୍ରିୟାରେ ମଣିଷକୁ ସାମିଲ କରିବାର ପ୍ରକ୍ରିୟା ହିଁ ଗଙ୍ଗାଧରଙ୍କ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ସାହିତ୍ୟ ସମସ୍ତଙ୍କ ସହ ସମ୍ପର୍କ ଯୋଡିବାରେ ସହାୟକ ହୋଇଥାଏ ବୋଲି ଗୁରୁବାର କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ କିଶୋର ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଏରାଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ତରଣୀସେନ ସାହୁ, ଝରାବେରେଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଣଜିତ ସାହୁ, ଶିକ୍ଷକ ପବିତ୍ର ମୋହନ ପ୍ରଧାନ, କିଶୋର ଚନ୍ଦ୍ର ବିଶ୍ୱାଳ, ଯୋଗଦେଇଥିଲେ। ସଂସଦ ସମ୍ପାଦକ ଜୟକୃଷ୍ଣ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। କୁଳମଣି ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କିଶୋରନଗର, ଜଏରାଟ, ହିମିତିରା, ଝରାବେରେଣୀ, ରାଣିଆକଟା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମେହେରଙ୍କ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଚଳିତବର୍ଷ ୧୪ ମଣ୍ଡପରେ ପୂଜା

ଅନୁଗୋଳ ଅଫିସ, ୧୧।୮

ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପାଇଁ ଅନୁଗୋଳରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲାପାଳ ବାଇତୁରା ଦୀପଙ୍କ ଅଧ୍ୟକ୍ଷତାରେ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏହି ବୈଠକ ବସିଥିଲା। ଚଳିତବର୍ଷ ସହରରେ ୧୪ଟି ମଣ୍ଡପରେ ପୂଜା କରାଯିବ। ତେବେ ପୂଜା କମିଟିର କର୍ମକର୍ତ୍ତାମାନେ ସାମ୍ପ୍ରତିକ ପରିସ୍ଥିତିରେ ପ୍ରଶାସନର ନିୟମକୁ ମାନି ପୂଜା ଆୟୋଜନ କରିବା ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଚଳିତବର୍ଷ ଗଣେଶ ପୂଜା ଅଗଷ୍ଟ ୩୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୬ ଭସାଣି ଉତ୍ସବ ସହ ଉଦ୍‌ଯାପିତ ହେବ। ବିଭିନ୍ନ ପୂଜା କମିଟିଗୁଡିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଆଗୁଆ ଅନୁମତି ନେବାକୁ ବୈଠକରେ ସ୍ଥିର କରାଯାଇଥିଲା। ରାତି ୧୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ମାନିବାକୁ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପୂଜା ସମୟରେ ଶାନ୍ତି ଶୃଖଳା ବଜାୟ ରଖିବା ସହ ପଲିଥିନ ବ୍ୟବହାର ନ କରିବାକୁ କୁହାଯାଇଥିଲା। ସେହିପରି ବିସର୍ଜନ ଶୋଭାଯାତ୍ରା ରାସ୍ତାର ଗୋଟିଏ ପାର୍ଶ୍ୱରେ କରିବା ସହ ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା ନ କରିବାକୁ କୁହାଯାଇଥିଲା। ଶୋଭାଯାତ୍ରାରେ ମେଢଗୁଡିକର କ୍ରମାନ୍ୱୟ ଲଟେରି ମାଧ୍ୟମରେ ସ୍ଥିର କରାଯିବ। ବୁଢୀ ଠାକୁରାଣୀ ମନ୍ଦିର ପାର୍ଶ୍ୱ ଜଳାଶୟ ଓ ଶିମିଳିପଡା ନିକଟରେ ଥିବା ଜଳାଶୟରେ ମୂର୍ତ୍ତୀ ବିସର୍ଜନ କରାଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ( ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଉପଖଣ୍ଡ ପୋଲିସ ଅଧିକାରୀ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ.ଅନୁପ କୁମାର ମଲ୍ଲିକ, କେନ୍ଦ୍ରୀୟ ପୂଜା କମିଟି ଉପସଭାପତି ଦେବଦତ୍ତ ପ୍ରଧାନ ଓ ସମ୍ପାଦକ ଶିବାନୀ ଶଙ୍କର ଗୌଡଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

**ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ**



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।



ଲଘୁଚାପଜନିତ ଲଗାଣ ବର୍ଷାରେ ଗେଙ୍ଗୁଟିଆ ଗ୍ରାମରେ ବର୍ଷାପାଣି ଜମି ରହି ଜଳବନ୍ଦୀ ସ୍ଥିତି ସୃଷ୍ଟି କରିଛି।

# ଗେଙ୍ଗୁଟିଆ ଜଳବନ୍ଦୀ

ଢେଙ୍କାନାଳ ଅଫିସ, ୧୧।୮

ଲଗାଣ ବର୍ଷା ଯୋଗୁ ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମ ଜଳବନ୍ଦୀ ହୋଇଛି। ଗେଙ୍ଗୁଟିଆ ଗ୍ରାମ ମହାନ୍ତି ସାହିର ୧ନଂ. ଓ ୨ନଂ ୱାର୍ଡରେ ଦୁଇ ଫୁଟର ପାଣି ଜମିଛି। ଲୋକମାନେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଉକ୍ତ ଦୁଇୱାର୍ଡରେ ପ୍ରାୟ ୫୦୦ ଲୋକ ବସବାସ କରୁଛନ୍ତି। ତେବେ ଅସରାଏ ବର୍ଷା ହେଲେ ଗାଁ ଦାଣ୍ଡରେ ପାଣି ଚାଲୁଛି। ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଉ ନ ଥିବା ବିନୋଦ ବିହାରୀ ପଟ୍ଟନାୟକ, ବୈରାଗୀ ଚରଣ ସାହୁ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପ୍ରଶାସନ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନ କଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



କବିତା ଆସରରେ ସଂସଦର କର୍ମକର୍ତ୍ତା ଓ ସାହିତ୍ୟପ୍ରେମୀ।

# ରକ୍ଷାବନ୍ଧନ କବିତା ଆସର

ଢେଙ୍କାନାଳ ଅଫିସ,୧୧।୮

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ରକ୍ଷାବନ୍ଧନ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବସ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ମୁଖ୍ୟବକ୍ତା ଗ୍ରାମ ବିକାଶ ପରିଷଦ ସଭାପତି ରଘୁନାଥ ସିଂ, ସମ୍ମାନିତ ଅତିଥି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବସନ୍ତ ସ୍ୱାଇଁ, ଗାନ୍ଧୀବାଦୀ ଗୌରାଙ୍ଗ ବାଇ ପ୍ରମୁଖ ଯୋଗଦେଇ ଆତ୍ମନିର୍ଭର ଭାରତ ଗଠନ, ଜଗନ୍ନାଥ ସଂସ୍କୃତିର ମହାନ୍‌ପର୍ବ ରକ୍ଷାବନ୍ଧନ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ତ୍ରିଲୋଚନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରାଙ୍କ ସଂଯୋଜନାରେ କବିତା ଆବୃତ୍ତି କରାଯାଇଥିଲା। କବି ସୁବାସ ଚନ୍ଦ୍ର ନାୟକ, ଧନେଶ୍ୱର ସେନାପତି, ଦୁଃଶାସନ ସାହୁ, ନଜରୁଲ ଇସଲାମ, ପ୍ରଶାନ୍ତ କୁମାର ସାହୁ, ଯଶୋବନ୍ତୀ ପୃଷ୍ଟି, ଭାସ୍କର ଚନ୍ଦ୍ର ବେହେରା, ଗଙ୍ଗାଧର ପୃଷ୍ଟି ପ୍ରମୁଖ କବିତା ପାଠ କରିଥିଲେ। ଉପସଭାପତି ହେମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀବଳରାମଙ୍କ ରାଜରାଜେଶ୍ୱର ବେଶ

■ଆଡ଼ମ୍ବରରେ ପାଳିତ ହେଲା ଜନ୍ମୋତ୍ସବ ନୀତି
■ବର୍ଷାସତ୍ତ୍ୱେ ଦର୍ଶନ ପାଇଁ ଲାଗିଲା ଲମ୍ବା ଧାଡ଼ି

ଢେଙ୍କାନାଳ ଅଫିସ, ୧୧।୮

ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ଜନ୍ମୋତ୍ସବ ନୀତି ଓ ରକ୍ଷାବନ୍ଧନ ଉତ୍ସବ ଗୁରୁବାର ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଭାଇ ଶ୍ରୀକୃଷ୍ଣ, ଭଉଣୀ ସୁଭଦ୍ରାଙ୍କ ସହ ସୁବର୍ଣ୍ଣ ଅଳଙ୍କାର ଲାଗି ରାଜରାଜେଶ୍ୱର ବେଶରେ ଝଲସି ଉଠିଥିଲେ ପ୍ରଭୁ ବଳରାମ। ଝିପିଝିପି ବର୍ଷା ସତ୍ତ୍ୱେ ଏହି ଦୁର୍ଲଭ ବେଶ ଦର୍ଶନ କରିବା ଲାଗି ଦିନତମାମ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଥିବାବେଳେ ପୀଠ ପରିସରରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ବାତାବରଣ।

ଦ୍ୱାପର ଯୁଗର ଦେବତା ଶ୍ରୀ ସିଦ୍ଧବଳରାମଙ୍କ ଜନ୍ମନୀତି ପାଇଁ ପୂର୍ବାହ୍ନ ୯ଟା ସୁଦ୍ଧା ଶ୍ରୀଜୀଉଙ୍କ ନିତ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଏହାପରେ ବେଶ ଆରମ୍ଭ ହୋଇଥିଲା। ନୂଆ ଅଳଙ୍କାର, ପାଟବସ୍ତ୍ର, ନାନାଦି ଫୁଲ ଓ ତୁଳସୀରେ ମଣ୍ଡିତ ହୋଇ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥିଲେ ଠାକୁର। ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ନୂତନ ବସ୍ତ୍ର ଏବଂ ବାଲଭୋଗ ଲାଗି କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଶ୍ରୀଜୀଉଙ୍କ ସ୍ୱନକ୍ଷତ୍ର ପୂଜା ଓ କଳସ ପୂଜା ଅନୁଷ୍ଠିତ ହୋଇଥିଲା। କାକରା, ମଣ୍ଡା, ଖିରି, ମିଠା, ମାଲପୁଆ ଆଦି ନୈବେଦ୍ୟ ଲାଗି କରାଯାଇଥିଲା। ଅପରାହ୍ନ ୪ଟାରେ ଏକ ସାଂସ୍କୃତିକ ଶୋଭାଯାତ୍ରା ବାଜିଚୌକସ୍ଥିତ ମା’ ବ୍ରାହ୍ମଣୀ ଦେବୀଙ୍କ ପୀଠରୁ ବାହାରି ଶ୍ରୀବଳରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଦେବୋତ୍ତର ବିଭାଗର ମିଳିତ ସହଯୋଗରେ ଏହାର ଆୟୋଜନ କରାଯାଇଥିଲା। ଏଥିରେ ମହିଳା ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଜିଲା ଶ୍ରୀଜଗନ୍ନାଥ ଚେତନା ସମିତି ସମ୍ପାଦକ ଅବନୀ ମିଶ୍ର, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭବାନୀ ମ୍ୟୁଜିକ୍ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଜିଲାପାଳ ସରୋଜ କୁମାର ସେଠୀ, ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ, ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ପ୍ରମୁଖ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ଭଜନ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ପ୍ରାୟ ୩୦୦ବର୍ଷ ପୁରାତନ ଶ୍ରୀବଳରାମ ମନ୍ଦିରର ଐତିହ୍ୟ, ପରମ୍ପରା ନିଆରା। ଏଠାରେ ଶ୍ରୀବଳରାମ ଶସ୍ତ୍ରଧରି ଭଉଣୀ ସୁଭଦ୍ରା, ଭାଇ ଶ୍ରୀକୃଷ୍ଣ, ରୁକ୍ମିଣୀଙ୍କ ସହ ବିଜେ କରିଛନ୍ତି। ମନ୍ଦିର ପରିସରରେ ୧୦୦ ବର୍ଷ ତଳେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମିତ ହୋଇଛି। ଶ୍ରୀବଳରାମ ପାଷାଣ ପ୍ରତିମା ହୋଇଥିବାରୁ ରଥଯାତ୍ରାରେ ରଥ ଉପରେ ବିଜେ କରନ୍ତି ନାହିଁ। ଘୋଷଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଳରାମଙ୍କୁ ଛାଡ଼ି ଏକାକୀ ଜନ୍ମବେଦିକୁ ବିଜେ କରିଥାଆନ୍ତି।






ରାଜରାଜେଶ୍ୱର ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ(ବାମ)। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଦେବୋତ୍ତର ବିଭାଗର ମିଳିତ ସହଯୋଗରେ ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରା।



ପାଟରା ସମାଜର କର୍ମକର୍ତ୍ତାମାନେ ଜଗନ୍ନାଥ ମନ୍ଦିରକୁ ଯାଉଛନ୍ତି।

# ଶ୍ରୀଜୀଉ ପିନ୍ଧିଲେ ପାଟରାଖୀ

ଭୁବନ, ୧୧।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ନିଖିଳ ଉତ୍କଳ ପାଟରା ସମାଜ ପକ୍ଷରୁ ଗୁରୁବାର ପବିତ୍ର ରକ୍ଷାବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ତୃତୀୟ ଦେବଜୀଉ ଜଗନ୍ନାଥ ମନ୍ଦିରରେ ସମାଜର କର୍ମକର୍ତ୍ତାମାନେ ଶ୍ରୀଜୀଉଙ୍କୁ ପାରମ୍ପରିକ ପାଟରାଖୀ ଲାଗି କରିଥିଲେ। ବଳରାମ ଜନ୍ମୋତ୍ସବରେ ଶ୍ରୀମନ୍ଦିରରେ ପାଟରା ସମାଜ ପକ୍ଷରୁ ପାଟବସ୍ତ୍ର ଓ ରାଖୀ ଲାଗି କରାଯିବା ପରମ୍ପରା ରହିଥିବାବେଳେ ଅନୁରୂପ ଭାବେ ଭୁବନରେ ମଧ୍ୟ ନୀତି ପାଳନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟି ସଭାପତି ଶୁଭେନ୍ଦୁ ସାହୁ, ପ୍ରଭାସ ସେନାପତିଙ୍କ ତତ୍ତ୍ୱାବଧାନରେ ସକାଳ ୭ଟାରେ ପାଟରା ସମାଜ ଭୁବନ ଥାନର ଥାନପତି ପ୍ରେମାନନ୍ଦ ମହାନ୍ତି, ସଭାପତି ଅରୁଣ ସାହୁ, ସମ୍ପାଦକ ମନୋଜ ସାହୁ, ସମରେନ୍ଦ୍ର ମହାନ୍ତି, କୋଦଣ୍ଡଧର ମହାନ୍ତି, ସନାତନ ପାତ୍ର, ଗଗନ ସାହୁ, ଦିଲୀପ ସାହୁ, କାଳିନ୍ଦୀ ସାହୁ, ପ୍ରଫୁଲ୍ଲ ସାହୁ, ଧନେଶ୍ୱର ସାହୁ, କେତନ ସାହୁ ପ୍ରମୁଖ ବଡ଼ହାଟସ୍ଥିତ ପାଟରା ସମାଜ କୋଠଘରୁ ଶୋଭାଯାତ୍ରାରେ ବାହାରିଥିଲେ। ମନ୍ଦିରରେ ପହଞ୍ଚି ଶ୍ରୀଜୀଉଙ୍କୁ ପାଟବସ୍ତ୍ର ଓ ରାଖୀ ଲାଗି କରାଯାଇଥିଲା। ଠାକୁରଙ୍କ ଆଜ୍ଞାମାଳ ଆସିବା ପରେ ଇଷ୍ଟଦେବତା ବଳଭଦ୍ରଙ୍କୁ ସଂକୀର୍ତ୍ତନମଣ୍ଡଳୀ ତାଳେତାଳେ ନଗର ପରିକ୍ରମା କରାଯାଇଥିଲା।

ସେହିପରି କାପୁଡିଆ ସମାଜ ପକ୍ଷରୁ ବଳଭଦ୍ରଙ୍କ ପୂଜା କରାଯିବା ପରେ ନଗର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ସାମିଲ ହୋଇଥିଲେ। ସଭାପତି ବାସୁଦେବ ବେହେରା, ବରିଷ୍ଠ କର୍ମକର୍ତ୍ତାଙ୍କ ସହ ୧୦ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ।

# ଶିଶୁମନ୍ଦିରରେ ଗୋରୁ ପୂଜନ

ବଇଣ୍ଡା, ୧୧।୮ (ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଗୁରୁବାର ଗୋରୁ ପୂଜନ ସହ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସଭାପତି ସନାତନ ସାହୁ, ଗୁଣନିଧି ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ବିନିତା ପ୍ରଧାନ ଯୋଗଦେଇଥିଲେ। ପ୍ରଥମେ ଗୋରୁଙ୍କୁ ପୂଜା କରାଯାଇ ରାଖୀ ବନ୍ଧା ଯାଇଥିଲା। ପରେ ବିଦ୍ୟାଳୟରେ ଛାତ୍ରୀମାନେ ଛାତ୍ରମାନଙ୍କୁ ରାଖୀ ବାନ୍ଧିଥିଲେ। ସେହିପରି ଠାକୁରଗଡ଼ ଶିଶୁ ମନ୍ଦିର, ବଇଣ୍ଡା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଇଣ୍ଡା ଫାଣ୍ଡିଅଧିକାରୀ ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ହାତରେ ରାଖୀ ବନ୍ଧାଯାଇଥିଲା।



ଶିଶୁମନ୍ଦିରରେ ଗୋ ପୂଜା କରାଯାଉଛି।

# ସୌଦାମିନୀ ହାଇସ୍କୁଲ କ୍ୟାମ୍ପସରେ ଲାଗିଲା ଚାରା

ଢେଙ୍କାନାଳ ଅଫିସ, ୧୧।୮

ଢେଙ୍କାନାଳ ଇନରହ୍ୱିଲ୍ କ୍ଲବ ପକ୍ଷରୁ ସୌଦାମିନୀ ହାଇସ୍କୁଲ କ୍ୟାମ୍ପସ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସୌନ୍ଦର୍ଯ୍ୟବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଫୁଲ, ଫଳ ଏବଂ ଔଷଧୀୟ ଚାରା ଲଗାଯାଇଥିଲା। ବୃକ୍ଷବନ୍ଧୁ ଡା. ନିମାଇଁ ଚରଣ ସାହୁ, ସ୍ଥାନୀୟ କାଉନସିଲର ବଂଶୀଧର ଦଳେଇ, ଆଲୁମ୍‌ନି ସଭାପତି ଅସିତ୍ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଈଶ୍ୱରୀ ଝାୱ୍‌ର, ସଦସ୍ୟା ପ୍ରତିମା ସିହ୍ନା, ଗାୟିତ୍ରୀ ହିଣ୍ଡୋଚା, ତୃପ୍ତି ନନ୍ଦ, ଶ୍ରଦ୍ଧା ଅଗ୍ରୱାଲ, ସସ୍ମିତା ଶତପଥୀ, ସସ୍ମିତା ଆଚାର୍ଯ୍ୟ, ଆଇ. ରୂପାରାଣୀ, ରିତିକା ଅନୁଭୂତି ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଅଳକା ସିଂଦେଓଙ୍କ ବାସଭବନରେ ବନ୍ଧୁତ୍ୱ ଦିବସ ପାଳିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ପରସ୍ପରକୁ ବନ୍ଧୁତ୍ୱର ଡୋରି ପିନ୍ଧାଇଥିଲେ। ଦିବସକୁ ସ୍ମରଣୀୟ କରିବା ପାଇଁ କେକ୍ କଟାଯାଇଥିଲା।






ବ୍ରହ୍ମାକୁମାରୀ ସଂଗଠନ ପକ୍ଷରୁ ଜିଲାସ୍ତରୀୟ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ।

# ଜାଗତିକ ବନ୍ଧନରୁ ମୁକ୍ତି ଆତ୍ମାର ନିକଟତର କରାଏ

ଢେଙ୍କାନାଳ ଅଫିସ, ୧୧।୮

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ଅଧ୍ୟାପିକା ଡ. ପୁଷ୍ପଲତା ରଥ କହିଲେ, ଆତ୍ମା ନିୟନ୍ତ୍ରଣରେ ନ ଥିଲେ ମଣିଷ ଦୁଃଖ ପାଏ । ଜାଗତିକ ବନ୍ଧନ ଯେତିକି ଉନ୍ମୁକ୍ତ ହେବ, ଆତ୍ମା ସେତିକି ନିକଟତର ହେବ। ସେ ଆହୁରି କହିଥିଲେ, ନାରୀଶକ୍ତିକୁ ଦୁର୍ବଳ ଭାବିବା ଅନୁଚିତ। ନାରୀ ନିକଟରେ ସବୁକ୍ଷେତ୍ରରେ ନେତୃତ୍ୱ ନେବା ଭଳି ଦକ୍ଷତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଶାଖାର ମୁଖ୍ୟ ସଞ୍ଚାଳିକା ବିକେ ଉଷ ରକ୍ଷାବନ୍ଧନ ପର୍ବର ଆଧ୍ୟାତ୍ମିକତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂସ୍ଥା ପକ୍ଷରୁ ଜେଲ ଅନ୍ତେବାସୀ, ଅଟୋରିକ୍ସା ଡ୍ରାଇଭର, ଆମ୍ବୁଲାନ୍ସ ଚାଳକ, ସରକାରୀ ଅଧିକାରୀଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବ୍ରହ୍ମାକୁମାରୀ ସୁକାନ୍ତି, ପ୍ରତିମା, ସୀତା, କନକ ପ୍ରମୁଖ ସହଯୋଗ କରିଥିଲେ।

# ଫଟୋରେ ବିଭାଜନର ଭୟାବହତା

ଢେଙ୍କାନାଳ ଅଫିସ, ୧୧।୮

୧୯୪୭ ଅଗଷ୍ଟ ୧୪। ଭାରତ ଇତିହାସରେ ଯନ୍ତ୍ରଣାମୟ ହୋଇ ରହିଛି ଏହି ଦିନ। ବ୍ରିଟିଶ ସରକାରଙ୍କ କୁଚକ୍ରାନ୍ତ ପାଇଁ ବିଭାଜନ ହୋଇଥିଲା ଅଖଣ୍ଡ ଭାରତ। ଧର୍ମଭିତ୍ତିରେ ସୃଷ୍ଟି ହୋଇଥିଲା ପାକିସ୍ତାନ। ଏହି କ୍ଷତ ଆଜି ବି ପ୍ରତିଟି ଭାରତୀୟଙ୍କ ହୃଦୟରେ ରେଖାପାତ କରୁଛି। ଏହାର ସ୍ମୃତି ଉଜ୍ଜୀବିତ କରିବା ଏବଂ ଦେଶ ବିଭାଜନ ସମୟର ଦୃଶ୍ୟପଟକୁ ହୃଦୟଙ୍ଗମ କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି ଏକ ଫଟୋ ପ୍ରଦର୍ଶନୀ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଏବଂ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ପ୍ରଦର୍ଶନୀରେ ଦେଶ ବିଭାଜନ ସମୟରେ ବିଭିନ୍ନ ଫଟୋ ସ୍ଥାନ ପାଇଛି। ଏହା ଅଗଷ୍ଟ ୧୪ ଯାଏ ଚାଲିବ। ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରୁଛନ୍ତି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହ ଭାରତ ବିଭାଜନ ସମୟର ସ୍ମୃତି ରୋମନ୍ଥନ କରୁଛନ୍ତି। ଏହାଦ୍ୱାରା ଅତୀତ ସହିତ ଯୋଡ଼ିହେବା ଲାଗି ନୂଆ ପିଢ଼ିଙ୍କୁ ସୁଯୋଗ ମିଳିବ। ସେମାନେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇପାରିବେ ବୋଲି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କହିଛନ୍ତି।



ଛାତ୍ରୀଛାତ୍ରମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀପତି ସେନାପତିଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୧୧।୮

ଢେଙ୍କାନାଳ ସହରସ୍ଥିତ ହାଟରୋଡ୍‌ରେ ରହୁଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ଛାତ୍ରବତ୍ସଳ ଶିକ୍ଷକ ଶ୍ରୀପତି ସେନାପତି (୭୮)ଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ମଧୁମେହ ଏବଂ କିଡ୍‌ନୀ ରୋଗରେ ପୀଡିତ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ୩ ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପହଞ୍ଚି ଶେଷଦର୍ଶନ କରିଥିଲେ। ବଡ଼ଯୋରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଜଣେ ଇଂଲିଶ ଶିକ୍ଷକ ଏବଂ ହାସ୍ୟାଭିନେତା ଭାବେ ସେ ସୁନାମ ଅର୍ଜନ କରିଥିଲେ। ଛାତ୍ରନେତା ଭାବେ ଢେଙ୍କାନାଳ କଲେଜର ଉନ୍ନତି ପାଇଁ ସଂଗ୍ରାମ କରି ୭ ଦିନ ଜେଲ୍‌ଦଣ୍ଡ ଭୋଗିଥିଲେ। ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲରେ ଏନ୍‌ସିସି ଶିକ୍ଷକ ଭାବେ କାର୍ଯ୍ୟକରି ବହୁ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ପଦବୀରେ ଅବସ୍ଥାପିତ କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ୧୯୭୧ରେ ଶିକ୍ଷକନେତା ଅବନୀ ବରାଳ, ବନମାଳୀ ବ୍ରହ୍ମଚାରୀଙ୍କ ପ୍ରେରଣାରେ ଜିଲା ମାଧ୍ୟମିକ ଶିକ୍ଷକ ସଂଘରେ ଯୋଗଦେଇ ଶିକ୍ଷକଙ୍କ ନିମନ୍ତେ ଲଢ଼େଇ ଜାରି ରଖିଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ନେତା ଯମେଶ୍ୱର ପୃଷ୍ଟି, ବିପ୍ରବର ସାହୁ, ସମୀର ସାହୁ, ଦୁର୍ଗାଚରଣ ମହାପାତ୍ର, ସାରଙ୍ଗଧର ମିଶ୍ର, ଶଶାଙ୍କ ଶେଖର ରଥ, ହୃଦାନନ୍ଦ ବରାଳ, ଅକ୍ରୁର ବିଶ୍ୱାଳ, ମାୟାଧର ପାଣି, ବିଭୂତି ଭୂଷଣ ସାମଲ, ସଞ୍ଜୟ ହୋତା, ପ୍ରଶାନ୍ତ ଧଳ, ଗୋଲେଖ ମହାନ୍ତି, ବିଦ୍ୟାଧର ସେନାପତି, ରାମଚନ୍ଦ୍ର ମିଶ୍ର, ଅଭୟ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



ଶିକ୍ଷାବିତ୍ ଶ୍ରୀପତି ସେନାପତି।

